ପାଠ 19
पाठ

ରଥଯାତ୍ରା
रथजात्रा

ଦାସ : ଶର୍ମା ବାବୁ, ଜଗନ୍ନାଥଙ୍କ ମହାପ୍ରସାଦ ଆଉ ନିର୍ମାଲ୍ୟ ନିଅନ୍ତୁ ।

ଶର୍ମା : ଆପଣ କ'ଣ କାଲି 'ରଥଯାତ୍ରା' ଦେଖିବାକୁ ପୁରୀ ଯାଇଥିଲେ?

ଦାସ : ହଁ ଆଜ୍ଞା, ମୁଁ ନଗଲେ ତ ପିଲାମାନେ ଯିବେନି । ସେଥିପାଇଁ ମତେ ଯିବାକୁ ପଡ଼ିଲା ।

ଶର୍ମା : ଆମକୁ କହିଥିଲେ ତ ଆମେ ବି ଯାଇଥାନ୍ତୁ । ସେଠି ଆପଣ କ'ଣ କ'ଣ ସବୁ କଲେ ।

ଦାସ : ଆମେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଟାଣିଲୁ । ଏବେ ତାହା ଗୁଣ୍ଡିଚା ମନ୍ଦିର ପାଖରେ ଅଛି । ନଅ ଦିନ ପରେ ରଥ ଗୁଣ୍ଡିଚା ମନ୍ଦିରରୁ ଫେରିବ । ସେଦିନ 'ବାହୁଡ଼ା ଯାତ୍ରା' ହେବ ।

ଶର୍ମା : ଆପଣ 'ବାହୁଡ଼ା' ଦିନ ଯଦି ପୁରୀ ଯିବେ, ତେବେ ମୁଁ ବି ଯିବି ।

ଦାସ : ତେବେ ତ ନିଶ୍ଚୟ ଯିବା ।

ଶର୍ମା : ବର୍ତ୍ତମାନ ଆପଣ ଯଦି

रथयात्रा

दास : शर्मा बाबु, जगन्नाथ का महाप्रसाद और निर्माल्य लीजिए।

शर्मा : क्या आप 'रथयात्रा' देखने के लिए कल पुरी गए थे?

दास : जी हाँ ! मैं न गई, तो बच्चे भी नहीं जाएँगे। इसीलिए मुझे जाना पड़ा।

शर्मा : हम को कहा होता, तो हम भी गए होते। वहाँ आपने क्या-क्या किया?

दास : हम ने जगन्नाथ, बलभद्र और सुभद्रा के रथों को खींचा। अब वे गुंड़ीचा मंदिर के पास हैं। नौ दिन के बाद रथ गुंड़ीचा मंदिर से वापस आएँगे। उसी दिन 'बाहुड़ा यात्रा' होगी।

शर्मा : आप 'बाहुड़ा' के दिन यदि पुरी जाएँगे, तो मैं भी जाऊँगा।

दास : तब तो अवश्य जाएँगे।

शर्मा : अभी (इस समय) यदि (हमें) 'रथयात्रा' के संबंध में कुछ कहते, तो बहुत अच्छा होता।

ଆମକୁ 'ରଥଯାତ୍ରା' ବିଷୟ୍ରେ କିଛି କହନ୍ତେ ତେବେ ଭାରି ଭଲ ହୁଅନ୍ତା ।

ଦାସ : ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର 'ରଥଯାତ୍ରା' ହୁଏ ।

ଶର୍ମା : ରଥ କ'ଣ ପ୍ରତି ବର୍ଷ ତିଆରି ହୁଏ ?

ଦାସ : ହୁଁ, ପ୍ରତିବର୍ଷ ଅକ୍ଷୟ୍ ତୃତୀୟା ଠାରୁ ରଥ ତିଆରି ଆରମ୍ଭ ହୁଏ । ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏଥିରେ ଷୋହଳଟି ଚ଼କ ଅଛି । ବଳଭଦ୍ରଙ୍କ ରଥ ତାଳଧ୍ୱଜ । ଏଥିରେ ଚଉଦଟି ଚ଼କ ଅଛି । ସୁଭଦ୍ରାଙ୍କ ରଥ ଦେବଦଳନ । ଏଥିରେ ବାରଟି ଚ଼କ ଅଛି ।

ଶର୍ମା : ଠାକୁରମାନେ ରଥ ଉପରକୁ କିପରି ଆସନ୍ତି ?

ଦାସ : ଦଇତାପତିମାନେ 'ରତ୍ନବେଦୀ' ଉପରୁ ଠାକୁରମାନଙ୍କୁ 'ପହଣ୍ଡି' କରି ଆଣନ୍ତି । ସେତେବେଳେ ଘଣ୍ଟ, ମର୍ଦ୍ଦଳ ଓ ଝାଞ୍ଜ ବାଜୁଥାଏ । ଠାକୁରମାନଙ୍କ ମୁଣ୍ଡରେ ସୋଲର ଟାହିଆ ଝୁଲୁଥାଏ । ଯଦି ତୁମେ ଯାଇଥାଆନ୍ତ, ତେବେ ଦେଖି ଥାଆନ୍ତ, ସତରେ ସେ ଦୃଶ୍ୟ କେଡ଼େ

दास : आषाढ़ के महीने के शुक्लपक्ष की द्वितीया तिथि में जगन्नाथ, बलभद्र और सुभद्रा की 'रथयात्रा' होती है।

शर्मा : क्या रथ हर साल तैयार किया (बनाया) जाता है?

दास : हाँ, हर साल अक्षय तृतीया से रथ की तैयारी शुरू होती है। जगन्नाथ के रथ का नाम 'नंदीघोष' है। इस में सोलह चक्र होते हैं। बलभद्र का रथ 'तालध्वज' हैं। इसमें चौदह चक्र होते हैं। सुभद्रा का रथ 'देबदलन' हैं। इसमें बारह चक्र होते हैं।

शर्मा : देवों की मूर्तियाँ रथ के ऊपर कैसे आती हैं ?

दास : 'दइता पति' (पुरोहित लोग) 'रत्न वेदी' से ठाकुरों को 'पहंडि' करके (धीरे-धीरे चल कर) लाते हैं। तब घंटा, मर्दल और झाँज बजते हैं। ठाकुरों के माथे पर सोल का टहिआ झुलता है। यदि तुम गए होते तो देखते, वह दृश्य कितना मन लुभावन था।

शर्मा : दास बाबु, यदि आपकी पत्नी 'बाहुड़ा' के दिन जाती तो मेरी पत्नी भी जापातीं।

दास : हाँ, मेरी पत्नी तो जाएँगीं। पत्नी सहित जगन्नाथ के दर्शन करने से

ମନଲୋଭା ।

बहुत पुण्य होता है। इसीलिए मैं भी जाऊँगा।

ଶର୍ମା : ଦାସ ବାବୁ, ଆପଣଙ୍କ ସ୍ତ୍ରୀ ଯଦି 'ବାହୁଡ଼ା' ଦିନ ଯାଇ ପାରନ୍ତେ, ତେବେ ମୋ ସ୍ତ୍ରୀ ମଧ୍ୟ ଯାଇପାରନ୍ତେ ।

शर्मा : अच्छा, याद रखिए दास बाबू, आप (लोग) नहीं गए (जाएँगे) तो हम भी नहीं जाएँगे। आप के जाने पर (ही) हम जाएँगे।

ଦାସ : ହୁଁ, ମୋ ସ୍ତ୍ରୀ ତ ଯିବେ । ସପତ୍ନୀକ ଜଗନ୍ନାଥଙ୍କୁ ଦର୍ଶନ କଲେ ବହୁତ ପୁଣ୍ୟ ହୁଏ । ସେଥିପାଇଁ ମୁଁ ମଧ୍ୟ ଯିବି ।

दास : आप ऐसा मत सोचिए। मेरी पत्नी नहीं भी गई, तो भी मैं अवश्य जाऊँगा। आप लोग मेरे साथ आ सकते हैं।

ଶର୍ମା : ଆଚ୍ଛା ! ହେଲେ ମନେ ରଖନ୍ତୁ ଦାସ ବାବୁ, ଆପଣମାନେ ନଗଲେ ଆମେ ମଧ୍ୟ ଯିବୁନି । ଆପଣ ଗଲେ ହିଁ ଆମେ ଯିବୁ ।

ଦାସ : ଆପଣ ସେମିତି ଭାବନ୍ତୁନି । ମୋ ସ୍ତ୍ରୀ ନଗଲେ ମଧ୍ୟ ମୁଁ ନିଶ୍ଚୟ ଯିବି । ଆପଣ ମୋ ସାଙ୍ଗରେ ଆସିପାରନ୍ତି ।

शब्दार्थ

ओड़िआ शब्द	हिंदी अर्थ
ମହାପ୍ରସାଦ	महा प्रसाद, जगन्नाथ का प्रसाद
ନିର୍ମାଲ୍ୟ	निर्माल्य (जगन्नाथ का अन्न भोग का सूखा हुआ प्रसाद)
ରଥ	रथ
ଟାଣିଲୁ	खींचा

ଆଷାଢ଼ ମାସ	**आषाढ़ा का महीना**
ଶୁକ୍ଳପକ୍ଷ	**शुक्लपक्ष**
ଦ୍ୱିତୀୟା	**द्वितीय**
ତିଥି	**तिथि**
ଷୋହଳ	**सोलह**
ଚଉଦ	**चौदह**
ବାର	**बारह**
ଦଇତାପତି	**पुरोहित लोग**
ରତ୍ନବେଦୀ	**'रत्नवेदी' (जगन्नाथ का आसन)**
ଠାକୁର	**ठाकुर, भगवान, देव**
ଘଣ୍ଟ	**घँटा**
ଝାଞ୍ଜ	**एक प्रकार का वाद्योपकरण**
ଦୃଶ୍ୟ	**दृश्य**
ସପତ୍ନୀକ	**पत्नी सहित**

ଅଭ୍ୟାସ
अभ्यास

I. ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପୁର୍ନଃଅଭ୍ୟାସ କରନ୍ତୁ ।
(नीचे दिए गए वाक्य दोहराइए।)

1) ମୁଁ ନଗଲେ ପିଲାମାନେ ଯିବେନି ।

2) ଆମକୁ କହିଥିଲେ ତ ଆମେବି ଯାଇଥାନ୍ତୁ ।

3) ଆପଣ 'ବାହୁଡ଼ା'ରେ ଯଦି ପୁରୀ ଯାଆନ୍ତେ, ତେବେ ମୁଁ ବି ଯାଆନ୍ତି ।

4) ଆପଣ ଆମକୁ 'ରଥଯାତ୍ରା' ବିଷୟ୍ରେ ଯଦି କିଛି କହନ୍ତେ, ତେବେ ଭାରି ଭଲ ହୁଅନ୍ତା ।

5) ତୁମେ ଯଦି ଯାଇଥାଆନ୍ତ, ତେବେ ଦେଖିଥାଆନ୍ତ ।

6) ଆପଣଙ୍କ ପିଲାମାନେ ଯଦି 'ବାହୁଡ଼ା'ରେ ଯାଇପାରନ୍ତେ, ତେବେ ମୋ ସ୍ତ୍ରୀ ମଧ୍ୟ ଯାଇପାରନ୍ତେ ।

7) ଆପଣମାନେ ନଗଲେ ଆମେ ମଧ୍ୟ ଯିବୁନି ।
8) ମୋ ପତ୍ନୀ ନଗଲେ ବି ମୁଁ ନିଶ୍ଚୟ ଯିବି ।
9) ଦଇତାପତିମାନେ 'ରତ୍ନବେଦୀ' ଉପରୁ ଠାକୁରମାନଙ୍କୁ 'ପହଣ୍ଡି' କରିଆଣନ୍ତି ।
10) ଜଗନ୍ନାଥଙ୍କୁ ସପତ୍ନୀକ ଦର୍ଶନ କଲେ ବହୁତ ପୁଣ୍ୟ ହୁଏ ।

II. ବାକ୍ୟ ଗୁଡ଼ିକରେ ରେଖାଙ୍କିତ ଶବ୍ଦର ସ୍ଥାନରେ ଦିଆଯାଇଥିବା ଶବ୍ଦ ପ୍ରୟୋଗ କରି ବାକ୍ୟଗଠନ କରନ୍ତୁ ।

(वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर वाक्य बनाइए।)

1) ଆପଣ ଯଦି ବାହୁଡ଼ା ଦିନ ପୁରୀ ଯିବେ, ତେବେ ମୁଁ ଯିବି ।

ଆପଣମାନେ ଯିବେ
ତୁ ଯିବୁ
ତୁମେ ଯିବ
ସେ ଯିବ
ସେମାନେ ଯିବେ

2) ମୁଁ ନଗଲେ ତ ପିଲାମାନେ ଯିବେନି ।
ତୁ
ତୁମେମାନେ
ଆମେମାନେ
ଆପଣମାନେ
ସେମାନେ ।

3) ଆପଣମାନେ ନଗଲେ ଆମେ ମଧ୍ୟ ଯିବୁନି । 4) ମୋ ସ୍ତ୍ରୀ ନଗଲେ ବି ମୁଁ ନିଶ୍ଚୟ ଯିବି ।

ମୁଁ ଯିବିନି ତୋ
ସେ ଯିବେ
ତୁ ଯିବୁନି
ସେମାନଙ୍କ ସେମାନେ ଯିବେ
ତୁମେମାନେ ଯିବନି ତାଙ୍କ
ତୁ ଯିବୁ

		ସେ	ଯିବନି	
ତୁମମାନଙ୍କ		ତୁମେମାନେ ଯିବ		
		ସେମାନେ	ଯିବେନି	ଆପଣଙ୍କ
ଆପଣ	ଯିବେ			

5) ଆମକୁ କହିଥିଲେ ତ ଆମେ ବି ଯାଇଥାନ୍ତୁ ।

ରାମବାବୁଙ୍କୁ	ସେ	ଯାଇଥାନ୍ତେ
ପିଲାମାନଙ୍କୁ	ସେମାନେ	ଯାଇଥାନ୍ତେ
ତୁମମାନଙ୍କୁ	ତୁମେମାନେ	ଯାଇଥାନ୍ତ
ପୁଅକୁ	ସେ	ଯାଇଥାନ୍ତା
ତୁ	ଆମେ	ଯାଇଥାନ୍ତୁ

6) ଆପଣଙ୍କ ପିଲାମାନେ ଯଦି ଯାଇପାରନ୍ତେ, ତେବେ ମୋ ସ୍ତ୍ରୀ ମଧ୍ୟ ଯାଇପାରନ୍ତି ।

ସ୍ତ୍ରୀ	ଯାଇପାରନ୍ତେ	ମା	ଯାଇପାରନ୍ତି
ପୁଅ	ଯାଇପାରନ୍ତେ	ପୁଅ	ଯାଇପାରନ୍ତା
ଝିଅ	ଯାଇପାରନ୍ତେ	ଝିଅ	ଯାଇପାରନ୍ତା

7) ଆପଣ ଯଦି ଯାଇପାରନ୍ତେ, ତେବେ ମୁଁ ବି ଯାଇପାରନ୍ତି ।

ସେ	ଯାଇପାରନ୍ତା
ତୁମେ	ଯାଇପାରନ୍ତ
ଆପଣମାନେ	ଯାଇପାରନ୍ତେ
ତୁ	ଯାଇପାରନ୍ତୁ
ସେମାନେ	ଯାଇପାରନ୍ତେ

III. ଉଦାହରଣ ଅନୁସାରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଯୋଡ଼ି ନୂଆ ବାକ୍ୟ ଗଠନ କରନ୍ତୁ ।
(उदाहरण के अनुसार दिए गए वाक्य युग्मों को जोडकर नये वाक्य बनाइए ।)

(1) **उदाहरण:-** ଆପଣ କଲିକତା ଯିବେ ।
ମୁଁ କଲିକତା ଯିବି ।
ଆପଣ ଯଦି କଲିକତା ଯିବେ, ତେବେ ମୁଁ ବି ଯିବି ।

1. ସେମାନେ ପରୀକ୍ଷା ଦେବେ ।
2. ତୁ ସବୁ କଥା କହିବୁ ।

मुँ परीक्षा देबि ।

3. तुमे खण्डगिरि यिब ।
मुँ खण्डगिरि यिबि ।

मुँ सबु कथा कहिबि ।

4. स्वागतिका गीत शिखिब ।
मुँ गीत शिखिबि ।

5. बापा चाहा पिइबे ।
मुँ चाहा पिइबि ।

(2) उदाहरण :- आपण कुहन्तु ।
भल हुअन्ता ।
आपण यदि कुहन्ते तेबे भल हुअन्ता ।

1. आपण याआन्तु ।
भल हुअन्ता ।

2. तुमे याअ ।
भल हुअन्ता ।

3. तु कह ।
भल हुअन्ता ।

4. से याउ ।
भल हुअन्ता

5. सेमाने याआन्तु
भल हुअन्ता

(3) उदाहरण :- आपणङ्क पिलामाने याइपारन्ति ।
मो स्त्री याइ पारन्ति ।
आपणङ्क पिलामाने यदि याइ पारन्ते, तेबे मो स्त्री मध्य याइ पारन्ते ।

1. तुम पिलामाने आसि पारन्ति ।
मो पिलामाने आसि पारन्ति ।

2. सेमानङ्क छात्रमाने पढ़ि पारन्ति ।
मो छात्रमाने पढ़ि पारन्ति ।

3. ताङ्क लोकमाने कहि पारन्ति ।
आम लोकमाने कहि पारन्ति ।

4. तुम पुअ याइ पारन्ता ।
ताङ्क पुअ याइ पारन्ता ।

5. ମୁଁ କଟକ ଯାଇ ପାରନ୍ତି ।
ତୁମେ ଯାଇ ପାରନ୍ତ ।

IV. ଉଦାହରଣ ଅନୁସାରେ ନିମ୍ନରେ ଦିଆଯାଇଥିବା ବାକ୍ୟର ଅର୍ଥ ଅନୁସାରେ ଅଲଗା ଅଲଗା ବାକ୍ୟରେ ପରିଣତ କର ।

(उदाहरण के अनुसार नीचे दिए गए वाक्यों के अर्थ के अनुसार अलग-अलग वाक्यों में खंडित कीजिए ।)

उदाहरण:- ସେ ଯଦି ମନ୍ଦିର ଯାଇଥାଆନ୍ତା, ତେବେ ଭୋଗ ଖାଇଥାଆନ୍ତା ।
ସେ ମନ୍ଦିର ଗଲାନାହିଁ ।
ସେ ଭୋଗ ଖାଇଲା ନାହିଁ ।

1. ତୁ ଯଦି ପରୀକ୍ଷା ଦେଇଥାନ୍ତୁ, ତେବେ ପାସ୍ କରିଥାନ୍ତୁ ।
2. ତୁମେମାନେ ଯଦି ଆସିଥାଆନ୍ତ, ତେବେ ଲିଙ୍ଗରାଜ ମନ୍ଦିର ଦେଖିଥାଆନ୍ତ ।
3. ସେମାନେ ଯଦି ଓଡ଼ିଶା ଆସିଥାନ୍ତେ, ତେବେ ଲିଙ୍ଗରାଜ ମନ୍ଦିର ଦେଖିଥାନ୍ତ ।
4. ପିଲାମାନେ ଯଦି ଖେଳିଥାଆନ୍ତେ, ତେବେ ପ୍ରଥମ ହୋଇଥାନ୍ତେ ।
5. ଆପଣ ଯଦି ପାହାଡ଼ ଚଢ଼ିଥାନ୍ତେ, ତେବେ ଶିବ ମନ୍ଦିର ଦେଖିଥାନ୍ତେ ।

V. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦଗୁଡ଼ିକରୁ ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ବାକ୍ୟ ପୂରଣ କରନ୍ତୁ ।

(कोष्ठक में दिए गए शब्दों में से उपयुक्त शब्दों का प्रयोग कर वाक्य पूरे कीजिए ।)

(1) (ରଥ, ଗୁଣ୍ଡିଚା, ନିର୍ମାଲ୍ୟ, ରତ୍ନବେଦୀ, ପୁରୀ)

1. ଜଗନ୍ନାଥଙ୍କ ମହାପ୍ରସାଦ ଆଉ _____ ନିଅନ୍ତୁ ।
2. ଆପଣ କ'ଣ 'ରଥଯାତ୍ରା' ଦେଖିବାକୁ _____ ଯାଇଥିଲେ ?
3. ଏବେ ତାହା _____ ମନ୍ଦିର ପାଖରେ ଅଛି ।
4. ଦଇତାପତିମାନେ ______ ଉପରୁ ଠାକୁରଙ୍କୁ ଆଣନ୍ତି ।
5. ବଳଭଦ୍ରଙ୍କ _____ ତାଳଧ୍ୱଜ ।

(2)

1. ଆପଣ 'ବାହୁଡ଼ା' ଦିନ ପୁରୀ _____, ତେବେ ମୁଁ ଯିବି । (ଯିବ, ଯିବେ)
2. ସେ ଯଦି କଟକ ______, ତେବେ ମୁଁ ବି ଯିବି । (ଯିବୁ, ଯିବେ)
3. ତୁମେ ଯଦି ପାଠ _____, ତେବେ ସମସ୍ତେ ପଢ଼ିବେ । (ପଢ଼ିବି, ପଢ଼ିବ)

4. ସେମାନେ ଯଦି କାମ _____, ତେବେ ଆମେ ବି କରିବୁ । (କରିବୁ, କରିବେ)

5. ବୋଉ ଯଦି ମାମୁଁ ଘର _____, ତେବେ ବାପା ବି ଯିବେ । (ଯିବି, ଯିବ)

(3)

1. ଯଦି _____ ମନ୍ଦିର ବିଷୟରେ କହନ୍ତେ, ତେବେ ଭଲ ହୁଅନ୍ତା । (ମୁଁ, ବାପା)

2. ଯଦି _____ ପୁରୀ ବିଷୟରେ କହନ୍ତ, ତେବେ ଭଲ ହୁଅନ୍ତା । (ତୁମେ, ମୁଁ)

3. ଯଦି _____ ଦୁର୍ଘଟଣା ବିଷୟରେ କହନ୍ତେ, ତେବେ ଭଲ ହୁଅନ୍ତା । (ତୁମେ, ଆପଣ)

4. ଯଦି _____ ଗାନ୍ଧିଙ୍କ ବିଷୟରେ କହନ୍ତା, ତେବେ ଭଲ ହୁଅନ୍ତା । (ସେ, ସେମାନେ)

5. ଯଦି _____ ନାଚ ବିଷୟରେ କହନ୍ତେ, ତେବେ ଭଲ ହୁଅନ୍ତା । (ତୁମେମାନେ, ସେମାନେ)

VI. ଉଦାହରଣ ଅନୁସାରେ ନିମ୍ନରେ ଦିଆଯାଇଥିବା ବାକ୍ୟ ଗୁଡ଼ିକୁ ନିଷେଧାର୍ଥକ ବାକ୍ୟରେ ପରିଣତ କରନ୍ତୁ ।

(उदाहरण के अनुसार नीचे दिए गए वाक्यों के निषेधार्थक वाक्य बनाइए ।)

उदाहरण:- ଆପଣ ଗଲେ ଆମେ ଯିବୁ ।
ଆପଣ ନଗଲେ ଆମେ ବି ଯିବୁନି ।

1. ତୁମେ ଆସିଲେ ମୁଁ ପଢ଼ିବି ।
2. ବାପା ଗଲେ ପିଲାମାନେ ଯିବେ ।
3. ଆମେ ଖାଇଲେ ସେମାନେ ଖାଇବେ ।
4. ତୁମେମାନେ ଦେଲେ ଆମେ ଦବୁ ।
5. ତୁ ନେଲେ ମୁଁ ନେବି ।

VII. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ହିନ୍ଦୀ କ୍ରିୟା ଗୁଡ଼ିକର ସମାନ ଅର୍ଥ ଥିବା ଓଡ଼ିଆ ରୂପ ପ୍ରୟୋଗ କରି ବାକ୍ୟ ଗଠନ କର ।

(इस पाठ में पढ़े हुए क्रिया रूपों के आधार पर उपयुक्त रूपों का प्रयोग कर वाक्य पुरे कीजिए ।)

(1)
1. ତୁମେ ଯଦି _____ ତେବେ _____ ।
2. ମୁଁ ଯଦି _____ ତେବେ _____ ।
3. ଆମେ ଯଦି _____ ତେବେ _____ ।

4. ଆପଣ ଯଦି _____ ତେବେ _____ ।
5. ତୁମେମାନେ ଯଦି _____ ତେବେ _____ ।

(2) 1. ଆପଣ _____ ବି ମୁଁ ଯିବି ।
2. ତୁମେ _____ ବି ସେ ଯିବେ ।
3. ମୁଁ _____ ବି ତୁମେ ଯିବ ।
4. ସୁପ୍ରଭା _____ ବି ଆପଣ ଯିବେ ।
5. ସୁପ୍ରଭା _____ ବି ସେମାନେ ଯିବେ ।

ପଢ଼ନ୍ତୁ ଓ ବୁଝନ୍ତୁ

ଚକ୍ରତୀର୍ଥ
चक्रतीर्थ

ପୁରୀ ଚକ୍ରତୀର୍ଥ ଅଟେ । ତୁମେ ଯଦି କେବେ ପୁରୀ ଯିବ, ପୁରୀ ବଡ଼ ଦାଣ୍ଡରେ ବଡ଼ ଦେଉଳ ଦେଖିବ । ସେଠି ବଡ଼ ଠାକୁରଙ୍କୁ ଦର୍ଶନ କରିବ । ରତ୍ନ ସିଂହାସନ ଉପରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଝଟ ଝଟ ଦିଶୁଥିବେ । ଦେଉଳର ପୂର୍ବ ଦ୍ୱାର ସିଂହଦ୍ୱାର, ଦକ୍ଷିଣ ପଟେ ଅଶ୍ୱ ଦ୍ୱାର, ପଶ୍ଚିମ ପଟେ ବ୍ୟାଘ୍ର ଦ୍ୱାର ଓ ଉତ୍ତର ପଟେ ହସ୍ତୀ ଦ୍ୱାର ରହିଛି । ତୁମେମାନେ ଯଦି ଆନନ୍ଦ ବଜାର ଯାଇଥା'ନ୍ତ ତେବେ ମହାପ୍ରସାଦ ଖାଇଥା'ନ୍ତ । ନିର୍ମାଲ୍ୟ ବି ପାଇଥା'ନ୍ତ ଆଉ କଳ୍ପବଟକୁ ଛୁଇଁଥା'ନ୍ତ ।

ସାଲବେଗ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ । ସେ ଗରୁଡ଼ ସ୍ତମ୍ଭ ପାଖରେ ବସି ବହୁତ ଜଣାଣ ଲେଖିଥିଲେ । ସମୟ ହେଲେ ଆମେ ମହୋଦଧିରେ ଗାଧୋଇବା । ଯଦି ସୁବିଧା ହୁଅନ୍ତା, ଆମେ ସ୍ୱର୍ଗଦ୍ୱାର ବି ଯାଆନ୍ତେ । ସନ୍ଧ୍ୟାବେଳେ ସମୁଦ୍ରରେ ସୂର୍ଯ୍ୟ ବୁଡୁଥିବ । ସମୁଦ୍ରର ତରଙ୍ଗମାଳା ନାଚି ନାଚି କୂଳ ଛୁଉଁଥିବ । ସେଦିନ ଯଦି ପୂର୍ଣ୍ଣିମା ହୋଇଥାନ୍ତା, ସମୁଦ୍ର ଜଳରେ ଜୁଆର ଫୁଲି ଫୁଲି ଉଠୁଥାନ୍ତା ।

ପୁରୀକୁ ବହୁତ ବିଦେଶୀ ପ୍ରତିବର୍ଷ ଆସନ୍ତି । ଏହା ଓଡ଼ିଶାର ଏକ ପ୍ରସିଦ୍ଧ ସ୍ଥାନ । ଯଦି ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସରକାର ଦୃଷ୍ଟି ଦିଅନ୍ତେ ତେବେ ଏହା ଆହୁରି ପ୍ରସିଦ୍ଧି ଲାଭ କରିପାରନ୍ତା । ଏହାର ସମୁଦ୍ର କୂଳ ଦର୍ଶକଙ୍କୁ ଆକର୍ଷଣ କରେ । କିନ୍ତୁ ବର୍ତ୍ତମାନ ଏହା ପରିଷ୍କାର ହୋଇ ରହିନାହିଁ । ଏହାର ପ୍ରଥମ କାରଣ ହେଉଛି ଏହାର

କୂଳରେ ନାମୀ ଦାମୀ ହୋଟେଲ୍। ଏହି ହୋଟେଲର ଅପରିଷ୍କାର ପାଣି ସମୁଦ୍ର ପାଣିକୁ ଦୂଷିତ କରିଦେଉଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତେ ତେବେ ଏହା ଆହୁରି ସୁନ୍ଦର ହୋଇ ଦର୍ଶକଙ୍କୁ ଆକୃଷ୍ଟ କରିପାରନ୍ତା। କିନ୍ତୁ ଦୃଷ୍ଟି ନଦେଲେ ଏହା ଧୀରେ ଧୀରେ ନଷ୍ଟ ହୋଇଯିବ।

ଆଜି ପର୍ଯ୍ୟନ୍ତ ମଧ୍ୟ ସେଠାରେ ରାଜା ଅବସ୍ଥାନ କରନ୍ତି। ସେ ଠାକୁରଙ୍କ ନାମନେଇ 'ରଥଯାତ୍ରା' ବେଳେ ସମସ୍ତ କର୍ମ ପ୍ରତିପାଦନ କରିଥାନ୍ତି। ଏହା ହେଉଛି ଓଡ଼ିଶାର ଏକ ମହାନ୍ ପରଂପରା। 'ରଥଯାତ୍ରା' ଯେ, ବିଶ୍ୱପ୍ରସିଦ୍ଧ ଏକଥା ସମସ୍ତେ ଜାଣନ୍ତି। କିନ୍ତୁ ତା'ର ଯେଉଁ ମହାନ୍ ପୌରାଣିକ କଥା ତାହା ଅଳ୍ପ ଲୋକ ଜାଣନ୍ତି। ଯଦିଓ ଏହା ରହସ୍ୟମୟ୍ ଏହାସତ୍ତ୍ୱେ ବି ଏହା ଦର୍ଶକଙ୍କୁ ଆକୃଷ୍ଟ କରିପାରେ। ଜଗନ୍ନାଥଙ୍କ ରୋଷେଇ ଘର ପୃଥିବୀର ବୃହତ୍ତମ ରୋଷେଇ ଘର ଭାବରେ ଖ୍ୟାତ। ଜଗନ୍ନାଥଙ୍କର ଅନେକ ଭକ୍ତ ତାଙ୍କ ଉପରେ ଅନେକ ଭଜନ ଜଣାଣ ଲେଖିଯାଇଛନ୍ତି। ଓଡ଼ିଶାର ଘରେ ଘରେ ଜଗନ୍ନାଥ ହେଉଛନ୍ତି ଆରାଧ୍ୟ ଦେବତା। ଯଦି ଆମେ ଯିବା ତେବେ ଜଗନ୍ନାଥଙ୍କୁ ଦର୍ଶନ କରି ଆମେ ନିଜକୁ ଧନ୍ୟ ମନେ କରିବା।

शब्दार्थ

ओड़िआ शब्द	**हिंदी अर्थ**
ଚକ୍ରତୀର୍ଥ	**चक्रतीर्थ**
ଦର୍ଶନ କରିବ	**दर्शन करना**
ରତ୍ନ ସିହାଂସନ	**रत्न सिंहासन (जगन्नाथ का आसन)**
ଜଣାଣ	**प्रार्थना**
ମହାପ୍ରସାଦ	**महाप्रसाद**
ଝଟ ଝଟ	**चिक्-चिक्**
ଦିଶୁଥିବେ	**दिखते होंगे**
ପରମ ଭକ୍ତ	**परम भक्त**
ଗରୁଡ଼ ସ୍ତମ୍ଭ	**गरुड स्तंभ**
ମହୋଦଧି	**महोदधि, समुद्र (पुरी तट की बंगाल की खाड़ी)**

ତରଙ୍ଗମାଳା	**तरंगें, लहरें**
ପୂର୍ଣ୍ଣିମା	**पूर्णिमा**
ଜୁଆର	**ज्वार**
ବିଦେଶୀ	**विदेशी**
ସୁରକ୍ଷା	**सुरक्षा**
ରକ୍ଷଣାବେକ୍ଷଣ	**रक्षणावेक्षणा**
କୂଳ	**तट, किनारा**
ପରିଷ୍କାର	**साफ सुधरा**
ଆକୃଷ୍ଟ	**आकर्षण**
ଅବସ୍ଥାନ	**स्थित**
ପରଂପରା	**परंपरा**
ଆରାଧ୍ୟ ଦେବତା	**आराध्य देवता**

ଅଭ୍ୟାସ

अभ्यास

I. ଅନୁଚ୍ଛେଦର ଆଧାର ଉପରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅନ୍ତୁ।
(अनुच्छेद के आधार पर नीचे दिए गए प्रश्नों के उत्तर दीजिए)

1. ବଡ଼ ଦେଉଳ କେଉଁଠି ଅଛି ?
2. ଏହାକୁ ଚକ୍ରତୀର୍ଥ କାହିଁକି କୁହାଯାଏ ?
3. ମହାପ୍ରସାଦ କେଉଁଠି ମିଳେ ?
4. ସାଲବେଗ କାହାର ଭକ୍ତ ?
5. ସେ କେଉଁଠି ବସି ଜଣାଣ ଲେଖିଥିଲେ ?
6. କେଉଁ ଦିନ ସମୁଦ୍ର ଜଳରେ ଜୁଆର ଫୁଲି ଫୁଲି ଉଠେ ?
7. ପୁରୀ ଗଲେ ଆମେ କ'ଣ କ'ଣ କରିବା ?
8. ପୁରୀକୁ କ'ଣ ପାଇଁ ବିଦେଶୀ ପର୍ଯ୍ୟଟକ ବେଶୀ ଆସନ୍ତି ?
9. ସରକାର କ'ଣ କଲେ ପର୍ଯ୍ୟଟକ ଅଧିକ ଆକର୍ଷିତ ହେବେ ?
10. କେଉଁଠାରେ ଆଜିପର୍ଯ୍ୟନ୍ତ ରାଜା ଅବସ୍ଥାନ କରନ୍ତି ଓ ସେ କ'ଣ କରନ୍ତି ?

II. ଅନୁଚ୍ଛେଦର ଆଧାର ଉପରେ ଦିଆଯାଇଥିବା ବାକ୍ୟର ସଠିକ୍ ବାକ୍ୟ ଲେଖ ।

(अनुच्छेद के आधार पर दिए गए वाक्यों में से सही वाक्य चुनिए ।)

1. ଦେଉଳର ପୂର୍ବଦ୍ୱାର ଅଶ୍ୱ ଦ୍ୱାର ।
2. ଦେଉଳର ଉତ୍ତର ଦ୍ୱାର ବ୍ୟାଘ୍ର ଦ୍ୱାର ।
3. ହସ୍ତୀଦ୍ୱାର ଦେଉଳର ପଶ୍ଚିମ ଦ୍ୱାର ।
4. ଅଶ୍ୱ ଦ୍ୱାର ଦେଉଳର ଦକ୍ଷିଣ ଦ୍ୱାର ।
5. ସମୁଦ୍ର କୂଳରେ ସ୍ୱର୍ଗଦ୍ୱାର ଅଛି ।

III. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦ ସମୂହରୁ ଅନୁପଯୁକ୍ତ ଶବ୍ଦଟି ଲେଖ ।

(प्रत्येक शब्द समूह में अनुपयुक्त शब्द बताइए ।)

1. ଜଗନ୍ନାଥ, ବଳଭଦ୍ର, ସାଲବେଗ, ସୁଭଦ୍ରା
2. ବଡ଼ ଦେଉଳ, ବଡ଼ ଠାକୁର, ବୁଡୁଥିବ, ବଡ଼ଦାଣ୍ଡ
3. ଦକ୍ଷିଣ ଦ୍ୱାର, ଉତ୍ତର ଦ୍ୱାର, ସିଂହଦ୍ୱାର, ପଶ୍ଚିମ ଦ୍ୱାର
4. ସିଂହ, ଅଶ୍ୱ, ବ୍ୟାଘ୍ର, ହସ୍ତୀ, ସିଂହାସନ
5. ଅଶ୍ୱ ଦ୍ୱାର, ସ୍ୱର୍ଗ ଦ୍ୱାର, ହସ୍ତୀ ଦ୍ୱାର, ବ୍ୟାଘ୍ର ଦ୍ୱାର

IV. ହିନ୍ଦୀରେ ଅନୁବାଦ କରନ୍ତୁ ।

(हिंदी में अनुवाद कीजिए ।)

ଯଦି ଆମେ ଭାରତରେ ଶିବ ପୂଜା ପରମ୍ପରାର ଇତିହାସ ପଢ଼ିବା, ଜଣାଯିବ ଯେ, ଏହା ବହୁ ପ୍ରାଚୀନ । ତେବେ ଦକ୍ଷିଣ ଭାରତର ବୀରଶୈବ ଏକ ଜଣାଶୁଣା ସାମାଜିକ ପ୍ରତିଷ୍ଠାନ । ସେହିପରି କାଶ୍ମୀରରେ କାଶ୍ମୀର ଶୈବଧର୍ମ ମଧ୍ୟ ସବୁଆଡ଼େ ଜଣା । ଗୁଜୁରାଟ ଶୈବଧର୍ମ ପ୍ରତିଭିଜ୍ଞା ନାମରେ ସୁପରିଚିତ । ଯଦି ଶିବ ପୂଜାର ପରମ୍ପରା ଓଡ଼ିଶାରେ ପ୍ରାଚୀନ, ହେଲେ ମଧ୍ୟ ତେବେ ଏହା ବିଷୟରେ ବାହାର ଲୋକଙ୍କୁ ଜଣାନାହିଁ । ଯଦି ଓଡ଼ିଶା ଲୋକ ଏ ପରମ୍ପରା ବିଷୟରେ ଲେଖିଥା'ନ୍ତେ ବାହାର ଲୋକଙ୍କୁ ଏ ବିଷୟରେ ଜଣାହୋଇଥାନ୍ତା ।

ତେବେ ଓଡ଼ିଶାର ଜଗନ୍ନାଥ ଧର୍ମ ସାରା ଭାରତରେ ଜଣାଶୁଣା । ଭାରତର ବିଭିନ୍ନ ଧର୍ମଗୁରୁ ପୁରୀକୁ ଆସିଛନ୍ତି । ସେମାନେ ଜଗନ୍ନାଥଙ୍କ ଠାରେ ଆପଣାର ଦେବାଦେବୀଙ୍କୁ ଦେଖିଛନ୍ତି । ଜଗନ୍ନାଥଙ୍କୁ ଜୈନମାନେ "ସର୍ବଜୀନ ବରାର୍ଚ୍ଚିତମ୍" କହିଲାବେଳେ ବୌଦ୍ଧମାନେ "ସର୍ବବୁଦ୍ଧମୟମ୍" କହିଛନ୍ତି । ଶ୍ରୀ ଚୈତନ୍ୟ ଜଗନ୍ନାଥଙ୍କ ଭିତରେ କୃଷ୍ଣଙ୍କୁ ଦେଖିଛନ୍ତି । ଶୈବମାନେ କହିଛନ୍ତି "ବିମଳା ଭୈରବୀଯତ୍ର ଜଗନ୍ନାଥସ୍ତୁ ଭୈରବ" । ଏପରିକି ଶାକ୍ତମାନେ

କହିଛନ୍ତି "ଶ୍ରୀକ୍ଷେତ୍ରେସ୍ତୁ ଜଗନ୍ନାଥ ସ୍ୱୟଂ ଦକ୍ଷିଣ କାଳୀକା"। ଯଦି ବାହାରର ଲୋକ ଏହା ବିଷୟରେ ଶୁଣିବେ ତେବେ ସେମାନେ ଆଶ୍ଚର୍ଯ୍ୟ ହୋଇଯିବେ।

ଆମେ ଯଦି ଐତିହାସିକ ଗବେଷଣା କରି ଦେଖିବା ତେବେ ଜାଣିବା ଯେ, ଜଗନ୍ନାଥଙ୍କ ପ୍ରାଧାନ୍ୟ ହେତୁ ଓଡ଼ିଶାରେ 'ହରିହର ତତ୍ତ୍ୱ' ର ବିକାଶ ହେଲା। ଜଗନ୍ନାଥଙ୍କର ଅନେକ ବେଶ ଭିତରେ 'ହରିହର ବେଶ' ଏକ ପ୍ରମୁଖ ବେଶ। ତେବେ ଏଥିରେ ଶୈବ ଓ ବୈଷ୍ଣବ ତତ୍ତ୍ୱର ମିଳନ ଘଟିଛି। କିନ୍ତୁ ଏହି ତତ୍ତ୍ୱ ଏତେ ପରିମାଣରେ ସ୍ୱୀକୃତି ଲାଭ କଲାନାହିଁ।

ଭୁବନେଶ୍ୱର ହେଉଛି ଏକ ପ୍ରସିଦ୍ଧ ଶୈବକ୍ଷେତ୍ର। ଏଠି ଲିଙ୍ଗରାଜ ମନ୍ଦିର କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ ପ୍ରସିଦ୍ଧ। ଯଦି ଆମେ ଭୁବନେଶ୍ୱର ଯିବା ତେବେ ଲିଙ୍ଗରାଜ ମନ୍ଦିର ଦେଖିବା। ଏହି ଲିଙ୍ଗରାଜ ମନ୍ଦିର ବହୁତ ପୁରୁଣା କ୍ଷେତ୍ର। ଏହା ବିଷୟରେ ମଧ୍ୟ ଯେତେ ବାହାର ଲୋକଙ୍କୁ ଜଣେଇବା କଥା ତାହା ଜଣାଯାଇନାହିଁ। ଯଦି ଓଡ଼ିଶା ଲୋକ ଏହି ପୁରୁଣା ମନ୍ଦିର ଓ ଐତିହାସିକ ସ୍ମାରକ ଉପରେ ବହି ଲେଖିଥା'ନ୍ତେ ତେବେ ଦେଶ ବିଦେଶର ଲୋକ ଓଡ଼ିଶା ଦେଖିବାକୁ ଆସିଥାନ୍ତେ। ସେଥିପାଇଁ ଆମେ ଓଡ଼ିଆ ଭାଷା କହିଲା ବାଲାଙ୍କୁ ହିନ୍ଦୀ ତଥା ଇଂରାଜୀ ଛଡ଼ା, ଭାରତର ଅନ୍ୟ ଭାଷା ପଢ଼ିକରି ସେଥିରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଜଣେଇବା।

V. ଓଡ଼ିଆରେ ଅନୁବାଦ କର।
(ओड़िआ में अनुवाद कीजिए।)

समुद्र के किनारे वेला भूमि है। यदि तुम वहाँ जाओगे, तो झाऊ के वन देखोगे। तुम नहीं गए, तो भी चित्र में देखोगे। समुद्र देखने के लिए पर्यटक आते हैं। मछुआरे नाव में जाकर मछली पकड़ते हैं। उन्हें ट्रॉलर मिले तो अधिक मछलियाँ पकड़ सकते हैं। यदि तुम वहाँ गए, तो मछलियाँ लाओगे। तुम नहीं गए, तो भी मैं अवश्य जाऊँगी, क्योंकि मछली मुझे बहुत पसंद है। मछली पालन एक गृह-उद्योग भी है। समुद्र के तटवर्ती क्षेत्रों में मछुआरों की बस्तियाँ हैं। यदि सरकार मछुआरों को धन देकर सहायता कर सकते तो वे यंत्र-चालित नौकाएँ खरीदकर अधिक मछलियाँ पकड़कर विदेशों को भेज सकेते। मछलियों को टीन के डिब्बों में बंद कर अधिक समय तक सुरक्षित रख सकते हैं।। अभी हमारे देश में मछलियों से बनी विविध प्रकार की खाद्य पदार्थ बनाते हैं और टीन के डिब्बों में देश विदेश को भेजते हैं। इस से हमारा डॉलर कोष की वृद्धि होती है।

VI. **किसी राष्ट्रीय पर्व के बारे में ओड़िआ में एक अनुच्छेद लिखिए।**

टिप्पणियाँ

I. **(इस पाठ में निम्न प्रकार के वाक्यों का प्रयोग हुआ है।**

(1)

1. ଆପଣ ବାହୁଡ଼ା ଦିନ ଯଦି ପୁରୀ ଯିବେ ତେବେ ମୁଁ ଯିବି। — **यदि आप 'बाहुड़ा' के दिन पुरी जाएँगें, तो मैं भी जाऊँगा।**

   आपण बाहुड़ा दिन जदि पुरी जिबे, तेबे मुँ जिबि।

2. ଆମକୁ 'ରଥଯାତ୍ରା' ବିଷୟରେ ଯଦି କିଛି କହନ୍ତେ ତେବେ ଭାରି ଭଲ ହୁଅନ୍ତା। — **यदि आप (हमें/हमको) 'रथयात्रा' के संबंध में कुछ बताते (हैं) तो बहुत अच्छा होता।**

   आमकु 'रथजात्रा' बिषयरे जदि किछि कहंते तेबे भारि भल हुअंता।

3. ଆପଣଙ୍କ ସ୍ତ୍ରୀ ଯଦି, 'ବାହୁଡ଼ା' ଦିନ ଯାଇପାରନ୍ତେ ମୋ ସ୍ତ୍ରୀ ମଧ୍ୟ ଯାଇପାରନ୍ତେ। — **यदि आपकी पत्नी 'बाहुड़ा' के दिन जा सकती हैं तो मेरी पत्नी भी जापातीं।**

   आपणंक स्ती जदि, बाहुड़ा दिन जाइपारन्ते मो स्ती मध्य जाइपारंते।

4. ଆପଣ ଗଲେ ହିଁ ଆମେ ଯିବୁ। — **आप के जानेपर ही हम जाएँगे।**

   आपण गले हिं आमे जिबु।

5. ଆପଣମାନେ ନଗଲେ ଆମେ ମଧ୍ୟ ଯିବୁନି। — **आप लोग नहीं गए (जाएँगे) तो हम भी नहीं जाएँगे।**

   आपणमाने नगले आमे मध्य जिबुनि।

(2)

1. ତୁମେ ଯଦି ଯାଇଥାଆନ୍ତ ତେବେ ଦେଖିଥାଆନ୍ତ ସେ ଦୃଶ୍ୟ କେଡ଼େ ମନଲୋଭା । — **यदि तुम गए होते तो देखते वह दृश्य कितना मन लुभानेवाला था।**

   तुमे जदि जाइथाआन्त तेबे

देखिथाआन्त से दृश्य केड़े मनलोभा।

2. ଆମକୁ କହିଥିଲେତ ଆମେ ବି ଯାଇଥା'ନ୍ତୁ। — हम को कहा होता, तो हम भी गए होते।

आमकु कहिथिलेत आमे बि जाइथान्तु।

(I.1) और (I.2) में दिए गए वाक्य यथाक्रम ओड़िआ के हेतुमद् वाक्य तथा हेतु हेतु मद भुतकाल के वाक्य हैं। ये हिंदी के "अगर, यदि..... तो" के समान शर्तवाले वाक्य हैं। ओड़िआ में इसके लिए 'ଯଦି' (जदि) और 'ତେବେ' (तो) का प्रयोग होता है। इस प्रकार के वाक्यों में उपवाक्य 'ମୁଁ ଯଦି ଯିବି' (मुँ जदि जिबि) 'यदि मैं जाऊँगा' कारणवाचक है और 'ତେବେ ମୁଁ ଯିବି' (तेबे मुँ जिबि) 'तो मैं जाऊँगा' उपवाक्य परिणाम संबंध है। इन दोनें उपवाक्यों में कार्य-कारण का संबंध होता है। इस तरह के वाक्यों में कभी कभी क्रियाओं का काल भी बदल सकता है, जैसे: ((I,1.5) वाक्य के स्वतंत्र उपवाक्य में 'ଗଲେ' (गले) 'गए' का प्रयोग होते हुए भी दूसरे उपवाक्य में 'ଯିବୁ' (जिबु) 'जाएँगे' का प्रयोग हुआ है। 'ଗଲେ' (गले) 'गए' क्रिया भूतकालिक होते हुए भी भविष्यत काल का बोध कराती है।

II. ओड़िआ महीनों के नाम।

ବୈଶାଖ	वैशाख	କାର୍ତ୍ତିକ	कार्तिक
ଜ୍ୟେଷ୍ଠ	ज्येष्ठ	ମାର୍ଗଶୀର	मार्गशीर्ष
ଆଷାଢ଼	आषाढ	ପୌଷ	पौष
ଶ୍ରାବଣ	सावन	ମାଘ	माघ
ଭାଦ୍ରବ	भादों	ଫାଲଗୁନ	फागुन
ଆଶ୍ୱିନ	आश्विन	ଚୈତ୍ର	चैत्र

III.

रथयात्रा

ओड़िआ का एक प्रसिद्ध त्योहार 'रथयात्रा' है। आषाढ़ की शुक्ल द्वितीय तिथि को 'रथयात्रा' मनाई जाती है। उसी दिन जगन्नाथ, बलभद्र और सुभद्रा के रथों की यात्राएँ होती हैं।

गुंडिचा मंदिर

गुंडिचा पुरी के जगन्नाथ मंदिर के पास एक मंदिर है। यह भगवान की मौसी का घर है। 'रथयात्रा' के समय यहाँ नौ दिन तक रथ रहता है, बाद में 'बाहुड़ा' यात्रा होती है।

दइतापति

जगन्नाथ मंदिर के कुछ सेवकों को 'दइता पति' कहा जाता है। वे लोग 'जारा' के वंशधर हैं।

जारा
एक शबर जाति जिस के पूर्वज जगन्नाथ के भक्त थे।

पहंडि
'रथयात्रा' के समय रथ के ऊपर जगन्नाथ को लाते समय हिला-हिला कर लाना।

बड़दांड़
जगन्नाथ मंदिर के सामने के रास्ते को 'बड़दांड' कहा जाता है।

बडदेउल
जगन्नाथ के मंदिर को 'बडदेउल' कहा जाता है।

आनंद बजार
पूरी मंदिर के अंदर जो पूजा-बजार है, उसे आनंद बज़ार कहा जाता है।

कल्पबट
पुरी मंदिर में एक वटवृक्ष है, जहाँ अपनी कामना पूरी करने के लिए लोग प्रार्थना करते हैं।

सालबेग
जगन्नाथ के परम भक्त एक मुसलमान का नाम। इनकी लिखी हुई हज़ारों 'जगन्नाथ-जणाण' हैं।

जगन्नाथ जणाण
भगवान के समक्ष आत्मनिवेदन संबंधी कविताएँ।

महाप्रसाद, निर्माल्य
जगन्नाथ के प्रसाद को 'महाप्रसाद' कहते हैं और सूखे हुए अन्न भोग को 'निर्माल्य' कहा जाता है।